# NATIONAL NEWS BULLETIN (ODIA)

## 11 September - 2026

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଭାରତର ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀ ।
- ବିଶ୍ୱ ନବସୃଜନ ଏବଂ ସମାଧାନର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଉଭା ହୋଇଛନ୍ତି ବ୍ରିକ୍ସ ସଦସ୍ୟ ରାଷ୍ଟ୍ର, କହିଲେ ପ୍ରଧାନମନ୍ତ୍ରୀ ।

– ବିଶ୍ୱର ଅବଶିଷ୍ଟ ରାଷ୍ଟ୍ରଗୁଡ଼ିକ ତୁଳନାରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ଆର୍ଥିକ କ୍ଷମତା ଦ୍ୱିଗୁଣ ବୃଦ୍ଧି ନେଇ ଦେଲେ ସୂଚନା ।

- ନୂଆଦିଲ୍ଲୀରେ ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧିର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ।

ଏବଂ

- ମାଲେସିଆକୁ ହରାଇ ଭାରତୀୟ ପୁରୁଷ ଦଳ ଜୁନିୟର୍ ଏସୀୟକପ୍ ହକି ଫାଇନାଲ୍‌କୁ ଉନ୍ନିତ ।

# ବ୍ରିକ୍ସ-ସମିଟ୍

ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀ ଆରମ୍ଭ ହେବ । ଭାରତ ମଣ୍ଡପମ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇ ଦିନିଆ ସମ୍ମିଳନୀରେ ଭାରତ, ବ୍ରାଜିଲ୍ ଚୀନ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷ, ସାଉଦିଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟସ୍ ଭଳି ୧୧ଟି ପ୍ରମୁଖ ବିକାଶଶୀଳ ଅର୍ଥନୀତି ଯୁକ୍ତ ରାଷ୍ଟ୍ରଗୁଡ଼ିକ ଯୋଗଦେବେ । ଚଳିତ ବର୍ଷର ବିଷୟବସ୍ତୁ ରହିଛି, 'ସ୍ଥିରତା, ନବସୃଜନ, ସହଯୋଗ ଏବଂ ନିରନ୍ତରତା ପାଇଁ ପ୍ରସ୍ତୁତି' ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍, ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସାଇରିଲ୍ ରାମାଫୋସା, ଇଜିପ୍ଟ ରାଷ୍ଟ୍ରପତି ଆବ୍‌ଦେଲ ଫତା ଏଲ୍-ସିସି, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋଓ ସୁବିୟାନ୍ତୋ, ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍, ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ୍ ବିନ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍‌ନାହିୟାଁ ଏବଂ ଇଥିଓପିଆର ପ୍ରଧାନମନ୍ତ୍ରୀ ଆବିୟ ଅହମ୍ମଦ ଅଲ୍ଲିଙ୍କ ସମେତ ବହୁ ବିଶ୍ୱ ନେତୃବୃନ୍ଦ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ । ମାଲେସିଆର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ଏବଂ ଭିଏତ୍‌ନାମର ପ୍ରଧାନମନ୍ତ୍ରୀ ଲେ ମିନ୍ ହୁଙ୍ଗ୍ ମଧ୍ୟ ଏହି ସମ୍ମିଳନୀରେ ଯୋଗଦେବେ । ବ୍ରାଜିଲ୍‌ର ବୈଦେଶିକ ବ୍ୟାପାର ମନ୍ତ୍ରୀ ମାଓରୋ ଭିରା ଓ ସାଉଦିଆରବର

ବୈଦେଶିକ ମନ୍ତ୍ରୀ ପ୍ରିନ୍ସ ଫଇସାଲ୍ ବିନ୍ ଫର୍‌ହାଁ ଅଲ୍ ସାଉଦ୍ ନିଜ ନିଜ ଦେଶ ଲାଗି ଏହି ସମ୍ମିଳନୀରେ ପ୍ରତିନିଧିତ୍ୱ କରିବେ ।

ଏତଦ୍ ବ୍ୟତୀତ ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଡକ୍ଟର ଟେଡ୍ରସ୍ ଆଧାନମ୍ ଘେବ୍ରିଏସସ୍ ଏବଂ ନୂତନ ବିକାଶ ବ୍ୟାଙ୍କ୍‌ର ଅଧ୍ୟକ୍ଷ ଡିଲମା ରାଓସେଫ୍‌ଙ୍କ ସମେତ ଅନ୍ୟ କେତେକ ଆନ୍ତର୍ଜାତିକ ସଂଗଠନର ମୁଖ୍ୟ ମଧ୍ୟ ଏହି ଦୁଇ ଦିନିଆ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ବୈଠକ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବିଭିନ୍ନ ପ୍ରସଙ୍ଗରେ ସମ୍ମିଳନୀ ଅବସରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସକରାତ୍ମକ ତଥା ଅର୍ଥପୂର୍ଣ୍ଣ ଆଲୋଚନା ହେବ । ବିଶ୍ୱକଲ୍ୟାଣ ଦିଗରେ ଏହି ବୈଠକର ନିର୍ଯ୍ୟାସ ମାର୍ଗଦର୍ଶନ କରିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଶାପ୍ରକାଶ କରିଛନ୍ତି । ବୈଠକ ଅବସରରେ ଆସନ୍ତାକାଲି ସମାବେଶୀ ବିଶ୍ୱ ପ୍ରଶାସନ ଏବଂ ବହୁପକ୍ଷୀୟ ସୁଦୃଢ଼ତା ଶୀର୍ଷକ ଏକ ଅଧିବେଶନ ଆୟୋଜିତ ହେବ । ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତୃମଣ୍ଡଳୀ ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ନବସୃଜନ ପ୍ରଦର୍ଶନୀକୁ ମଧ୍ୟ ପରିଦର୍ଶନ କରିବେ । ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଆଲୋଚନା କରିବେ ।

ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତାମାନେ ଏକ ମିଳିତ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେବେ ଏବଂ ଏହା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଦ୍ୱାରା ଆୟୋଜିତ ନୈଶ୍ୟ ଭୋଜିରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ବ୍ରିକ୍ସ ବିଜ୍‌ନେସ୍ ଫୋରମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ବିଶ୍ୱ ନବସୃଜନ ଏବଂ ସମାଧାନର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଉଭା ହୋଇଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଚାଲିଥିବା ବ୍ରିକ୍ସ ବିଜନେସ୍ ଫୋରମ୍ ନେତୃମଣ୍ଡଳୀ ଅଧିବେଶନରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ବିଶ୍ୱ ଜନସଂଖ୍ୟାର ୫୦ ପ୍ରତିଶତ, ଜି.ଡି.ପି.ର ୪୦ ପ୍ରତିଶତ ଏବଂ ବିଶ୍ୱ ବାଣିଜ୍ୟର ୨୫ ପ୍ରତିଶତରୁ ଊର୍ଦ୍ଧ୍ୱ' ପ୍ରତିନିଧିତ୍ୱ କରୁଛନ୍ତି । ସେ କହିଛନ୍ତି, ଏହିସବୁ ବର୍ଷଗୁଡ଼ିକରେ ବିଶ୍ୱର ଜି.ଡି.ପି. ଅଢ଼େଇଗୁଣ ବୃଦ୍ଧି ପାଇଥିବା ବେଳେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ମିଳିତ ଜି.ଡି.ପି. ପରିମାଣ ପ୍ରାୟ ସାଢ଼େ ଚାରିଗୁଣ ବୃଦ୍ଧି ପାଇଛି । ସେ କହିଛନ୍ତି, ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ଅର୍ଥିକ କ୍ଷମତା' ବିଶ୍ୱ ଅବଶିଷ୍ଟ ରାଷ୍ଟ୍ରଗୁଡ଼ିକ ତୁଳନାରେ ପାଖାପାଖି ଦୁଇଗୁଣ ବୃଦ୍ଧି

ପାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱରେ ଅନିଶ୍ଚିତତା ପରିସ୍ଥିତି ସତ୍ତ୍ୱେ ଭାରତ ଅଭିବୃଦ୍ଧି ଏବଂ ସ୍ଥିରତା କ୍ଷେତ୍ରରେ ଆସ୍ଥା ବଜାୟ ରଖିଛି । **V/O**

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍, ଇରାନ୍ ରାଷ୍ଟ୍ରପତି ମସୁଦ୍ ପେଜେସ୍କିଆନ୍ ଏବଂ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସାଇରିଲ୍ ରାମାଫୋସାଙ୍କ ସମେତ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ମୁଖ୍ୟମାନେ ଏହି ଅଧିବେଶନରେ ଉଦ୍‌ବୋଧନ ଦେଇଛନ୍ତି ।

# ପିଏମ୍-ବ୍ରିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ଆଜି ରାଜନୀତି, ଅର୍ଥନୀତି, ପ୍ରତିରକ୍ଷା, ଶକ୍ତି, ମହାକାଶ, ଦକ୍ଷତା ଏବଂ ଜନସମ୍ପର୍କ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧିର ସମୀକ୍ଷା କରିଛନ୍ତି । ଦିଲ୍ଲୀଠାରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନାରେ ଉଭୟ ନେତା ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗରେ ମତବିନିମୟ କରିଛନ୍ତି । ଉଭୟ ପଶ୍ଚିମ ଏସିଆ ଏବଂ ବ୍ଲାକ୍ ସି ଅଞ୍ଚଳରେ ଚାଲିଥିବା ବିବାଦ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହିସବୁ ବିବାଦର କୂଟନୈତିକ ସ୍ତରରେ ଆଲୋଚନା ଦ୍ୱାରା ସମାଧାନ ସମ୍ଭବପର ହୋଇପାରିବ ବୋଲି

ଦୋହରାଇଛନ୍ତି । ଭାରତ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ସହାୟତା ପ୍ରଦାନ ଲାଗି ସର୍ବଦା ପ୍ରସ୍ତୁତ ଅଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଉଭୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଶ୍ରୀ ପୁତିନ୍ ରୁଷର ଆନ୍ତର୍ଜାତିକ ଶିଳ୍ପ ପ୍ରଦର୍ଶନୀ 'ଇନୋପ୍ରୋମ ଇଣ୍ଡିଆ' ସ୍ୱାଗତ କରିଛନ୍ତି ।

ଭାରତରେ ଏହି ପ୍ରଦର୍ଶନୀ ପ୍ରଥମଥର ପାଇଁ ଚଳିତ ମାସ ୯ ତାରିଖରୁ ଆରମ୍ଭ ହୋଇଥିଲା । ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଏବଂ ଶିଳ୍ପ ସମ୍ପର୍କକୁ ବୃଦ୍ଧି କରିବା ଲାଗି ଗୁରୁତ୍ୱପ୍ରଦାନ କରାଯାଇଥିଲା । ଉଭୟ ନେତା 'ଇନୋପ୍ରୋମ ଇଣ୍ଡିଆ' ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ଏବଂ ଅଂଶଗ୍ରହଣକାରୀଙ୍କ ସହ ମତବିନିମୟ କରିଥିଲେ । ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରିତା ସମ୍ପର୍କକୁ ସୁଦୃଢ଼ କରିବା ନେଇ ଉଭୟ ନେତା ସହମତି ପ୍ରକାଶ କରିଥିଲେ । ରାଷ୍ଟ୍ରପତି ପୁତିନ୍ ୨୪ତମ ଭାରତ-ରୁଷ୍ ବାର୍ଷିକ ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀଙ୍କୁ ରୁଷ ଯିବାକୁ ନିମନ୍ତ୍ରଣ କରିଛନ୍ତି ।

ଆଜି ସଂଧ୍ୟାରେ ମଧ୍ୟ ଶ୍ରୀ ମୋଦୀ ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ପେଜେସ୍କିଆନ୍ ଆଜି ଅପରାହ୍ଣରେ ନୂଆଦିଲ୍ଲୀରେ ପହଞ୍ଚିବେ । ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଭୟଙ୍କ

ମଧ୍ୟରେ ଆଲୋଚନାକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ନୂଆଦିଲ୍ଲୀଠାରେ ମଧ୍ୟ ସମ୍ମିଳନୀ ଅବସରରେ ଶ୍ରୀ ମୋଦୀ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୋଦୀ କହିଛନ୍ତି ଆଗାମୀ କିଛିଦିନ ବିଶ୍ୱ ନେତୃମଣ୍ଡଳୀ ବ୍ରିକ୍ସ ସମ୍ମିଳନୀରେ ଏକତ୍ରିତ ହୋଇଛନ୍ତି ।

## ଇକୋ ଫ୍ରେଣ୍ଡଲି ଗଣେଶ୍ ଚତୁର୍ଥୀ

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଜନସାଧାରଣଙ୍କୁ ପରିବେଶ ଅନୁକୂଳ ମାଟିରେ ତିଆରି ଗଣେଶ ମୂର୍ତ୍ତି ପୂଜା କରି ଗଣେଶ ଚତୁର୍ଥୀ ପାଳନ କରିବା ଲାଗି ନିବେଦନ କରିଛନ୍ତି । ଶ୍ରୀକାକୁଲମ୍‌ଠାରେ ଆଜି ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଛାତ୍ରଛାତ୍ରୀମାନଙ୍କୁ ମାଟିରେ ତିଆରି ଗଣେଶ ମୂର୍ତ୍ତି ବଣ୍ଟନ କରିଥିଲେ । ସେ କହିଛନ୍ତି, ମାଟି ମୂର୍ତ୍ତି ବ୍ୟବହାର ଦ୍ୱାରା ଏହା ପରିବେଶକୁ ସୁରକ୍ଷିତ ରଖିବା ସହ ପ୍ରକୃତ ଧାର୍ମିକ ମନୋଭାବ ସହ ପାଳନ ଅନୁଭବ ହେବ । ଗଣେଶ ଚତୁର୍ଥୀ ପୂର୍ବରୁ ସମସ୍ତ ନିର୍ବାଚନ ମଣ୍ଡଳୀ ମୁଖ୍ୟ କାର୍ଯ୍ୟାଳୟରେ ଗଣେଶ ମୂର୍ତ୍ତି ବଣ୍ଟନ କରିବା ଲାଗି ସେ କହିଛନ୍ତି । ଏହାଦ୍ୱାରା ସ୍ଥାନୀୟ କୁମ୍ଭାର ବର୍ଗର ଲୋକମାନେ ମଧ୍ୟ ଉପକୃତ ହୋଇପାରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୋକାଲ୍ ଫର୍ ଲୋକାଲ୍ ଆହ୍ୱାନକୁ କାର୍ଯ୍ୟକାରୀ

କରିବା ଲକ୍ଷ୍ୟରେ ଏବଂ ସ୍ଥାନୀୟ କାରିଗରମାନଙ୍କୁ ଆର୍ଥିକ ସହାୟତା ଏବଂ ଜୀବିକା ଉପାର୍ଜନର ସୁଯୋଗା ଦେବା ଲାଗି ଏହା ଏକ ଉଚିତ୍ ପଦକ୍ଷେପ ବୋଲି ସେ କହିଛନ୍ତି ।

## ଜିତେନ୍ଦ୍ର ସିଂହ-କ୍ରିଟିକାଲ୍ ମିନେରାଲ୍ସ

ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଭାରତର ଶକ୍ତି ସୁରକ୍ଷା ଶିଳ୍ପ ଭିତ୍ତିକ ପ୍ରତିଯୋଗିତା ଏବଂ ଜାତୀୟ ସୁରକ୍ଷା ଦିଗରେ ଖଣିଜ ପଦାର୍ଥଗୁଡ଼ିକର ଗୁରୁତ୍ୱ ରହିଛି । ନୂଆଦିଲ୍ଲୀ ଠାରେ ଉନ୍ନତ ପଦାର୍ଥ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଧାତୁ ପର୍ଯ୍ୟବେଶିତ ତୃତୀୟ ବିଶ୍ୱ ସମ୍ମିଳନୀରେ ଯୋଗଦେଇ ଡକ୍ଟର ସିଂହ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ବିକାଶର ପରବର୍ତ୍ତୀ ପର୍ଯ୍ୟାୟରେ ଗୁରୁତ୍ୱପୂର୍ଣ୍ଣ ଧାତୁ ଏବଂ ଖଣିଜ ପଦାର୍ଥ ଗୁଡ଼ିକର ପ୍ରମୁଖ ଭୂମିକା ରହିବ । ଶକ୍ତି ସୁରକ୍ଷା, ଶିଳ୍ପ ପ୍ରତିଯୋଗିତା ଏବଂ ଜାତୀୟ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଏଗୁଡ଼ିକର ଚାହିଦା ରହିବ ।

## ହକି

ଜୁନିୟର୍ ଏସୀୟ କପ୍ ହକି ଫାଇନାଲ୍‌କୁ ଭାରତୀୟ ପୁରୁଷ ଦଳ ଉନ୍ନିତ ହୋଇଛି । ଚୀନ୍‌ର ମୋକି ଠାରେ ଚାଲିଥିବା ସେମିଫାଇନାଲ୍

ମ୍ୟାଚ୍‌ରେ ଭାରତ ମାଲେସିଆକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି । ଭାରତ ଅଧିନାୟକ ଅନମୁଲ ଏକ୍କା ୨ଟି ଗୋଲ୍ ଦେଇଥିବା ବେଳେ ଶୁଖବୀନ୍ଦର ଗୋଟିଏ ଗୋଲ୍ ଦେଇଛନ୍ତି । ୫ ଥର ବିଜେତା ଭାରତୀୟ ଦଳ ପୁଏଲ୍-ଏ' ଗ୍ରୁପ୍‌ର ଶେଷ ମ୍ୟାଚ୍‌ରେ ଚୀନ୍‌କୁ ୧୫-୦ ଗୋଲ୍‌ରେ ପରାସ୍ତ କରିଥିଲା । ଆସନ୍ତା ରବିବାର ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଦଳ ଦକ୍ଷିଣ କୋରିଆକୁ ଭେଟିବ ।  ଦକ୍ଷିଣ କୋରିଆ ପାକିସ୍ତାନକୁ ୪-୧ ଗୋଲ୍‌ରେ ପରାସ୍ତ କରି ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛି ।

ଆସନ୍ତାକାଲି ଭାରତୀୟ ଜୁନିୟର୍ ମହିଳା ଦଳ ସେମିଫାଇନାଲ୍‌ରେ ଦକ୍ଷିଣ କୋରିଆକୁ ଭେଟିବ ।

# କ୍ରିକେଟ୍-ଏସିଆକପ୍

ମହିଳା ଏସିଆକପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଆଜି ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ । ଦୁବାଇଠାରେ ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୮ଟାରେ ଆରମ୍ଭ ହେବ । ମ୍ୟାଚ୍‌ର ବିଜେତା ଆସନ୍ତା ରବିବାରଦିନ ଫାଇନାଲରେ ଭାରତକୁ ଭେଟିବ ।

ଅନ୍ୟପକ୍ଷରେ ଭାରତ ପ୍ରଥମ ସେମିଫାଇନାଲରେ ବାଂଲାଦେଶକୁ ୪୦ରନ୍‌ରେ ପରାସ୍ତ କରି ଫାଇନାଲରେ ପହଞ୍ଚିଛି ।